# Akashvani, Sambalpur

## SAMBALPURI NEWS BULLETIN

### 2 May 2024- 6.47- 6.52 am.

**********************************************

୨ , ୩ ଲୋକ୍‌ସଭା ନିର୍ବାଚନ୍-ନାମାଙ୍କନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୩ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍ ଲାଗି ସମ୍ବଲପୁର୍, କେନ୍ଦୁଝର୍, ଢେଙ୍କାନାଳ, କଟକ୍, ପୁରୀ ଆର୍ ଭୁବ୍‌ନେଶ୍ୱର୍ ସଂସଦୀୟ କ୍ଷେତ୍ର ଲାଗି ଗଲାକାଏଲ୍‌ତକ୍ ୪ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ୨ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍ ଲାଗି ବର୍‌ଗଡ୍, ସୁନ୍ଦର୍‌ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ନ ୨୨ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଇ ବାବ୍‌ଦେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟନୁ ସୂଚ୍‌ନା ମିଲିଛେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ ପ୍ରେସ୍ ରିଲିଜ୍

ରାଏଜେ ସାଧାରଣ୍ ନିର୍ବାଚନ୍‌କେ ମୁକ୍ତ, ଅବାଧ, ସ୍ୱଚ୍ଛ ଆଉ ନିରପେକ୍ଷ କର୍‌ବାର୍ ଲାଗି ବେଆଇନ୍ ଟଙ୍କା ଆଉ ସାମାନ୍ ଚାଲାଣ୍ ଉପ୍‌ରେ କଡ଼ା ଆଭିମୁଖ୍ୟ ଗ୍ରହଣ୍ କରାଯାଇଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଲ କହିଛନ୍ । ସେ କହିଛନ୍ ଯେ, ଇଥିର୍‌ଲାଗି ଶୂନ୍ୟ ସହନଶୀଳତା ନୀତି ଗ୍ରହଣ୍ କର୍‌ବାର୍‌କେ ଭିନ୍ ଭିନ୍ ପ୍ରବର୍ତନ୍ ସଂସ୍ଥାମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଗଲା ମାର୍ଚ୍ଚ ମାସ ୧ ତାରିଖ୍‌ନୁ ଗଲା ମାସ ୩୦ ତାରିଖ୍ ଭିତ୍‌ରେ ମୋଟ୍ ୧୬ ହଜାର୍ ୫ ଶହ ୭୧ ଲାଖ୍ ୮୮ ହଜାର୍ ଟଙ୍କା ଆଉ ସାମାନ୍ ଜବତ୍ କରାଯାଇଛେ । ଇତାର୍‌ଛଡ଼ା ରାଜ୍ୟର୍ ୩୦ ଟା ଯାକ ଜିଲ୍ଲା ନ କଡ଼ା ନଜର୍ ରଖାଯାଇକରି ଚଢ଼ଉକେ ତ୍ୱରାନ୍ୱିତ୍ କରାଯାଇଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଲ କହିଛନ୍ ।

ଓମ୍‌ଫେଡ୍ ଗୁରସ୍ ପେକେଟ- ସଚେତନତା ବାର୍ତା

ପ୍ରେସ୍ ରିଲିଜ୍

ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ନ ଯେନ୍ତା ସବୁ ନାଗରିକ୍ ଭୋଟ୍ ଦେବେ ସେଥିର୍‌ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଲ ମତଦାନ୍ ସଚେତନତା ବାର୍ତା ଥିବା ଓମ୍‌ଫେଡ୍ ଗୁରସ୍

ପେକେଟ୍‌କେ ଉନ୍ମୋଚନ୍ କରିଛନ୍ । ଇ ଓମ୍‌ଫେଡ୍ ଗୁରସ୍ ପେକେଟ୍‌ଥି ଭୋଟର୍‌ମାନ୍‌କର୍ ସଚେତନତା ଲାଗି ‘୨୦୨୪ ମେ ୨୫ ତାରିଖ ଦିନ ମତଦାନ୍ ପାଇଁ ଭୁଲନ୍ତୁ ନାହିଁ’ ବଲି ଲେଖାଯାଇଛେ । ଖୋର୍ଦ୍ଧା ଜିଲ୍ଲାର୍ ସବୁ ଓମ୍‌ଫେଡ୍ ବୁଥ୍ ନ ଇ ସଚେତନତା ବାର୍ତା ଥିବା ଗୁରସ୍ ପେକେଟ୍ ବିକ୍ରି ହେବା ଆଉ ଇଥି ସାରା ଜିଲ୍ଲା ନ ଭୋଟର୍ ସଚେତନତା ସୃଷ୍ଟି ହେଇପାର୍‌ବା ।

ଆଇଆଇଏମ୍‌ସି ନୂଆଦିଲ୍ଲୀ-ପିଜି ଆର୍‌ଏନ୍‌ୟୁ / ସମ୍ବଲପୁର

ଭାରତୀୟ ଜନସଂଚାର୍ ସଂସ୍ଥାନ୍- ଆଇଆଇଏମ୍‌ସି ନୂଆଦିଲ୍ଲୀ ନ ଇ ବଛର୍‌ନୁ ପିଜି ପାଠ୍ୟକ୍ରମ୍ ମୁଲ୍ ହେବା । ମାଷ୍ଟର୍ ଇନ୍ ମିଡ଼ିଆ ବିଜ୍‌ନେସ୍ ଷ୍ଟଡ଼ିଜ୍ ଆର୍ ଷ୍ଟ୍ରାଟେଜିକ୍ କମ୍ୟୁନିକେସନ୍ କୋର୍ସ ଲାଗି ଆଏବା ଅଗଷ୍ଟ ମାସ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା ବଲି ସୂଚ୍‌ନା ମିଲିଛେ । ଇ ଦୁହି କୋର୍ସ ଲାଗି ୪୦ ଟା ଲେଖା ସିଟ୍ ରହିଛେ । ଗଲାବଛର୍ ଆଇଆଇଏମ୍‌ସି କେ ଡିମ୍‌ଡ୍ - ଟୁବି ବିଶ୍ୱବିଦ୍ୟାଳୟ ଭାବେ ଘୋଷ୍‌ନା ହେବାର୍ ଉତ୍‌ରୁ ଇ ପିଜି ପାଠ୍ୟକ୍ରମ୍ ମୁଲ୍ ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଏଛେନ୍

ଆଇଆଇଏମ୍‌ସି ନ ଖାଲି ସାମ୍ବାଦିକତା ଆର୍ ଗଣଯୋଗାଯୋଗ କ୍ଷେତ୍ରଥି ପିଜି ଡିପ୍ଲୋମା ପାଠ୍ୟକ୍ରମ୍ ରହିଛେ ।

ପଦ୍ମ ପୁରସ୍କାର୍- ନାମାଙ୍କନ୍ ପି.ଆଇ.ବି.

ପଦ୍ମ ପୁରସ୍କାର୍-୨୦୨୫ ଲାଗି ଅନ୍‌ଲାଇନ୍ ଜରିଏ ନାମାଙ୍କନ୍ ଆର୍ ସୁପାରିଶ୍ ପଠାବାର୍ ପ୍ରକ୍ରିୟା ଗଲାକାଏଲ୍‌ନୁ ମୁଲ୍ ହେଇଛେ । ଇଥିର୍‌ଲାଗି ଆଏବା ସେପ୍ଟେମ୍ବର୍ ୧୫ ତାରିଖ୍‌ତକ୍ ଆବେଦନ୍ କରାଯାଇପାର୍‌ବା । ନାମାଙ୍କନ୍ ଆଉ ସୁପାରିଶ୍ - ରାଷ୍ଟ୍ରୀୟ ପୁରସ୍କାର୍ ପୋର୍ଟାଲ୍ https://awards.gov.in ଥି ଅନ୍‌ଲାଇନ୍ ଜରିଏ ପଠାବାର୍ ଲାଗି ଗୃହମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ପଦ୍ମପୁରସ୍କାର୍ ଘୋଷ୍‌ନା କରାଯିବା ।

ଗେସ୍ ଦାମ୍ କମ୍‌ଲା ଆର୍‌ଏନ୍‌ୟୁ / କଟକ୍

ବ୍ୟବସାୟିକ ଏଲ୍‌ପିଜି ଗେସ୍ ସିଲିଣ୍ଡର୍‌ର ଦାମ୍ ୧୯ ଟଙ୍କା କମିଛେ । ତୈଲ ଯୋଗାଣ କମ୍ପାନୀମାନ୍‌କର୍ ତର୍‌ଫୁ ଇ ଦାମ୍ ସାଙ୍ଗେସାଙ୍ଗ୍ ଲାଗୁ କରାଯାଇଛେ । ଦାମ୍ ସଂଶୋଧନ୍ ଉତ୍‌ରୁ ୧୯

କେଜିର ଗେସ୍ ସିଲିଣ୍ଡର୍‌ର ଦାମ୍ ଦିଲ୍ଲୀ ନ ୧ ହଜାର୍ ୭ ଶହ ୪୫ ଟଙ୍କା ୫୦ ପଏସା, କୋଲ୍‌କାତା ନ ୧ ହଜାର୍ ୮ ଶହ ୫୯ ଟଙ୍କା, ମୁମ୍ବାଇ ନ ୧ ହଜାର୍ ୬ ଶହ ୯୮ ଟଙ୍କା ୫୦ ପଏସା ଆର୍ ଚେନ୍ନାଇ ନ ୧ ହଜାର୍ ୯ ଶହ ୧୧ ଟଙ୍କା ରହିଛେ । ହେଲେ ଘରୋଇ ଏଲ୍‌ପିଜି ଗେସ୍‌ର ଦାମ୍‌ଥି କେନ୍‌ସି ପରିବର୍ତନ୍ ନାଇଁ କରାଯାଇ ।

ନିର୍ବାଚନ୍ ସମୀକ୍ଷା ବୈଠକ୍

ଆର୍‌ଏନ୍‌ୟୁ/ କଟକ୍/ ଦେବ୍‌ଗଡ଼୍

ବିଧାନ୍‌ସଭା ନିର୍ବାଚନ୍‌କେ ନଜର୍‌ଥି ରଖିକରି ଅନୁଗୁଲ୍ ଜିଲ୍ଲା ଛେଣ୍ଡିପଦା ଆର୍ ଆଠ୍‌ମଲ୍ଲିକ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ଗଲାକାଏଲ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଗଙ୍ଗା ସିବାୟାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ନିର୍ବାଚନୀ ଖର୍ଚ୍ଚର୍ ସଠିକ୍ ଆକଲନ୍ ଉପ୍‌ରେ ଆଲୋଚନା ହେଇଥିଲା । ବୈଠକ୍‌ଥି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତଥ୍ୟ ଉପସ୍ଥାପନ୍ କରାଯାଇଛେ ।

ସେନ୍ତା ଦେବ୍‌ଗଡ୍ ଜିଲ୍ଲା ନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭିନିତ୍ କୁମାର୍‌ଙ୍କର୍ ଅଧ୍ୟକ୍ଷତାଥି ନିର୍ବାଚନ୍ ଖର୍ଚ୍ଚ ପରିଚାଲନା ସମୀକ୍ଷା ବୈଠକ୍ ହେଇଯାଇଛେ ।

ଦିବ୍ୟାଙ୍ଗ ଶିଶୁ- ଲାଲନ୍‌ପାଲନ-ଆଲୋଚନାଚକ୍ର

ଆର୍‌ଏନ୍‌ୟୁ / ସମ୍ବଲପୁର

ବଲାଙ୍ଗିର୍ ସହର୍ ନ ଥିବା ଦକ୍ଷତା ବିକାଶ୍ ପୁନର୍ବାସ ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ସଂଯୁକ୍ତ ଆଂଚଳିକ କେନ୍ଦ୍ର ନ ସ୍ୱତନ୍ତ୍ର ଶିକ୍ଷା ବିଭାଗ୍ ତରଫୁ 'ଅଭିଭାବକ୍‌ମାନ୍‌କର୍ ଦିବ୍ୟାଙ୍ଗ ଶିଶୁମାନ୍‌କର୍ ଲାଲନ୍‌ପାଲନ୍‌ର ଆଭିମୁଖ୍ୟ' ଶୀର୍ଷକ ଆଲୋଚନାଚକ୍ର ହେଇଯାଇଛେ । ଅନୁଷ୍ଠାନ୍‌ର ବାକ୍ ଆଉ ଶ୍ରବଣ ବିଭାଗ୍ ସହକାରୀ ପ୍ରଫେସର୍ ଜିତେନ୍ଦ୍ର କୁମାର୍ ବାରିକ୍ ଆଉ ଲୁସିକା ନାଏକ୍ ଯୋଗ୍ ଦେଇକରି ସକାରାତ୍ମକ ଆଉ ବୈଜ୍ଞାନିକ୍ ଲାଲନ୍‌ପାଲନ୍ ଉପ୍‌ରେ ଆଲୋଚନା କରିଥିଲେ । ଇତାର୍‌ଛଡ଼ା ଦିବ୍ୟାଙ୍ଗ ପିଲା ମାନ୍‌କର୍ ନ ଦେଖାଯାଉଥିବା ସମସ୍ୟାଗତ ବ୍ୟବହାର ଆଉ ତାର୍ ନିରାକରଣ୍ ବିଷେ ଭିଲ୍ ଆଲୋଚନା କରାଯାଇଥିଲା ।

ସିସିଟିଭି - ଜେଲ୍          ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ସହେତେ ରାଜ୍ୟର୍ ୭ ଟା ମଣ୍ଡଲ୍ ଜେଲ୍ ନ ପ୍ରିଜନର୍ ମେନେଜ୍‌ମେଂଟ୍ ସିଷ୍ଟମ୍- ପିଏମ୍‌ଏସ୍ କାର୍ଯ୍ୟକାରୀ ହେବା । ଇଥିର୍‌ଲାଗି ପହେଲା ଖେପେ ଶହେ ୫୦ ଟା ସିସିଟିଭି କେମ୍‌ରା ଲଗାଯିବା । ଜେଲ୍ ଭିତ୍‌ରେ ଶୃଙ୍ଖଲା ଆଉ ବନ୍ଦୀମାନ୍‌କର୍ ପରିଚୟକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ପିଏମ୍‌ଏସ୍ ବ୍ୟବସ୍ଥାଥି ଜେଲ୍ ନ ବାୟୋମେଟ୍ରିକ୍ ଆର୍ ଇ-ପ୍ରିଜନ୍ ପଦ୍ଧତି କାର୍ଯ୍ୟକାରୀ ହେବା ବଲି ଜନାପଡ଼ିଛେ । ଜେଲ୍ ଭିତ୍‌ରେ ୱାର୍ଡ଼୍‌ନୁ ଅନ୍ତେବାସୀମାନ୍‌କର୍ ବାହାର୍‌ବାର୍ ଆଉ ଖାଏବାର୍ ଲାଗି ଯିବାର୍ ସମିଆଥି ବାୟୋମେଟ୍ରିକ୍‌ର ସାହାଜ୍ ନିଆଯିବା ବଲି ଜନାପଡ଼ିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ହଉଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ତାଲ୍‌ଚେର୍ ନ ୪୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଜବର୍ ଖରାକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ନୂଆପଡ଼ା, କଲାହାଣ୍ଡି

ଆର୍ ବୌଦ୍ଧ ଜିଲ୍ଲାକେ ପାଣିପାଗ୍ ବିଭାଗ୍ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ହେଲେ ୨ ଦିନ୍ ଉତ୍ରୁ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ କମ୍ବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।